# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18 May - 2024

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଶେଷ ହେଲା ପ୍ରଚାର

– ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଏବଂ ୩୫ଟି ବିଧାନସଭା ଆସନ ପାଇଁ ସୋମବାର ଦିନ ହେବ ଭୋଟ୍

- ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସନ୍ତାକାଲିଠାରୁ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ

- ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ଅର୍ଥନୀତି ହେବ, କହିଲେ ଷୋଡ଼ଶ ଅର୍ଥକମିଶନ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିୟା

ଏବଂ

- ଚଳିତ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଆରମ୍ଭ ହେଲା ନାମଲେଖା ପ୍ରକ୍ରିୟା

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହେଇଛି । ଆସନ୍ତା ସୋମବାର ଦିନ ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ଭୋଟ୍ ନିଆଯିବ। ରାଜ୍ୟର ୫ଟି ସଂସଦୀୟ କ୍ଷେତ୍ର ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ଏବଂ ଏହି ସଂସଦୀୟ କ୍ଷେତ୍ରର ପରିସରରେ ଥିବା ୩୫ଟି ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟର ଅଣାଅସୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୧୮ରୁ ୧୯ ବର୍ଷ ବୟସ ବର୍ଗର ଯୁବ ଭୋଟର ସଂଖ୍ୟା ୨ ଲକ୍ଷ ୧୩ ହଜାର ୧୨୯ ରହିଛି। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ୫୫ ହଜାର ୮୨୨ ଜଣ ମତଦାତା ରହିଥିବାବେଳେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ୧ ହଜାର ୮୧୨ ଜଣ ଭୋଟର ଅଛନ୍ତି।

ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି।

ନିର୍ବାଚନ ଆୟୋଗଙ୍କର ନିର୍ଦ୍ଦେଶନାମା ଅନୁସାରେ, ଭୋଟ ହେବାକୁ ଥିବା ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ଗୁଡ଼ିକରେ ଆଚରରବିଧି ଲାଗୁ ହୋଇଛି। ସେହିଭଳି ଇଭିଏମ୍, ଭିଭିପାଟ୍ ଏବଂ

ଅନ୍ୟାନ୍ୟ ଭୋଟିଂ ସାମଗ୍ରୀ ଧରି ପୁଲିଂ ଅଧିକାରୀମାନେ ବିଭିନ୍ନ ବୁଥ୍‌ମାନଙ୍କରେ ପହଁଞ୍ଚୁଛନ୍ତି। ବୌଦ୍ଧ ଜିଲ୍ଲାରେ ୪୧୧ଟି ମତଦାନ କେନ୍ଦ୍ରର ପୁଲିଂ ଅଧିକାରୀମାନେ ସେମାନଙ୍କର ଗନ୍ତବ୍ୟସ୍ଥଳକୁ ନିର୍ବାଚନ ସାମଗ୍ରୀ ଧରି ଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

## ନିର୍ବାଚନ ପ୍ରଚାର

ରାଜ୍ୟରେ ଆଉ ୩ଟି ପର୍ଯ୍ୟାୟ ନିର୍ବାଚନପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନୀ ପ୍ରଚାର ସରଗରମ ହେଉଛି। ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି । ଏହି କ୍ରମରେ ଆଜି ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ଜିଲ୍ଲା ନରସିଂହପୁରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ନରେନ୍ଦ୍ର ମୋଦୀ ସରକାରଙ୍କୁ ତୃତୀୟଥର ପାଇଁ କେନ୍ଦ୍ରରେ ଏବଂ ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି।

ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ମାନସ କୁମାର ଦତ୍ତଙ୍କ ସପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସହିତ ଦଳର ଅନ୍ୟ ବରିଷ୍ଠ ନେତାମାନେ ରୋଡ୍ ସୋ’ କରି ଭୋଟ୍ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ଦଳର ବରିଷ୍ଠ ନେତ୍ରୀ

ହେମାମାଳିନୀ, ରାଜ୍ୟ ବି.ଜେ.ପି. ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି ।

ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସି ରେଢ଼ାଖୋଲ, ପାଟଣା ଏବଂ ଖୋର୍ଦ୍ଧାରେ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବେ। ସେହିଭଳି ଆସନ୍ତା ୨୧ରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମ୍ବଲପୁର, କେନ୍ଦୁଝର, ପର୍ଜଙ୍ଗ ଓ ନୟାଗଡ଼ରେ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ସଚିନ୍ ପାଇଲଟ୍ ବାଲେଶ୍ୱରଠାରେ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପୁଣି ଥରେ ଓଡ଼ିଶା ଆସି ଦଳର ନିର୍ବାଚନୀ ପ୍ରଚାରରେ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

***Desk, Cuttack, Angul/R***

## ପ୍ରଧାନମନ୍ତ୍ରୀ – ଓଡ଼ିଶା ଗସ୍ତ

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଁଞ୍ଚିବେ। ଆସନ୍ତା ସୋମବାର ସକାଳ ୮ଟାରେ ପୁରୀରେ ପହଁଞ୍ଚି ଶ୍ରୀଜିଉଙ୍କୁ ଦର୍ଶନ କରିବା ପରେ ବଡ଼ଦାଣ୍ଡରେ ଏକ ରୋଡ୍ ଶୋ'ରେ ଯୋଗଦେବେ । ଏହାପରେ ପ୍ରଧାନମନ୍ତ୍ରୀ ଅନୁଗୁଳ ଯାଇ ବିଜୟ

ସଙ୍କଳ୍ପ ସମାବେଶରେ ଯୋଗଦେବା ପରେ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

## ଭାରତ ଅର୍ଥନୀତି

୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ଅର୍ଥନୀତି ହେବ ବୋଲି ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିୟା କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଦେଶ ଯେଉଁ ଅଭିବୃଦ୍ଧି ହାରରେ ଆଗକୁ ବଢୁଛି, ତାହା ଆଗାମୀ ଦିନରେ ଜାରି ରହିଲେ ଭାରତ ତୃତୀୟ ଅର୍ଥନୀତିରେ ପରିଣତ ହେବ। ଆଗାମୀ ଦିନରେ ଦେଶର ବୃହତ୍ ମାନବ ସମ୍ବଳକୁ କୃଷି କ୍ଷେତ୍ରରୁ ବାହାରକୁ ଆଣି ଶିଳ୍ପ ଏବଂ ସେବା ଦିଗରେ ନିୟୋଜିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ପାନ୍‌ଗାରିୟା କହିଛନ୍ତି।

## ନିର୍ବାଚନ-ଭଦ୍ରକ

ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ଜୁନ୍ ପହିଲାରେ ଭଦ୍ରକ ଜିଲ୍ଲାର ଗୋଟିଏ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୫ଟି ବିଧାନସଭା ଆସନରେ ଭୋଟ୍‌ଗ୍ରହଣ କରାଯିବ।

ଭଦ୍ରକ ଜିଲ୍ଲାରେ ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **ଅଶୋକ କୁମାର ନାୟକ**ଙ୍କ ରିପୋର୍ଟ....

**- V/O –**

Ganjam

## ଗଞ୍ଜାମ ନିର୍ବାଚନ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରେ ଘଟିଥିବା ହିଂସା ଘଟଣାର ତଦନ୍ତ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ-ଏସଆଇଟି  ଦ୍ୱାରା ଆରମ୍ଭ ହୋଇଛି। ଏସ୍‌ଆଇଟି ତଦନ୍ତର ମୁଖ୍ୟ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଧାକିଶନ ଶର୍ମା ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ସେହି ଅଞ୍ଚଳର ଆଇନ ଶୃଙ୍ଖଳା  ସ୍ଥିତିର ତଦାରଖ କରୁଛନ୍ତି। ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ନିର୍ବାଚନ ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଗଞ୍ଜାମ ଏସ୍‌.ପି. ଜଗମୋହନ ମୀନା କହିଛନ୍ତି। ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ପୁଲିସ ଆରକ୍ଷୀ ଅଧୀକ୍ଷକ କହିଛନ୍ତି, ଗଞ୍ଜାମ ଜିଲ୍ଲାର ଏହି ପର୍ଯ୍ୟାୟର ଭୋଟ୍ ପାଇଁ ୧ହଜାର ୯୩୭ଟି ବୁଥ୍ ମଧ୍ୟରୁ ୬୦ ଭାଗ ବୁଥ୍‌ରେ ଓ୍ୱେବକାଷ୍ଟିଂର ବ୍ୟବସ୍ଥା ସହ ପୁଲିସ ମୁତୟନ କରାଯାଇଛି।

***Deogarh***

## ଦେବଗଡ଼ ମତଦାନ

ଆସନ୍ତା ୨୫ ତାରିଖରେ ଦେବଗଡ଼ ଜିଲ୍ଲାରେ ହେବାକୁ ଥିବା ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୮୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟର ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ପୋଷ୍ଟାଲ ବାଲାଟ୍ ମତଦାନ ଆରମ୍ଭ ହୋଇଛି। ଜିଲ୍ଲାର ୮୫ ବର୍ଷରୁ ଊର୍ଦ୍ଧ୍ୱ ୨୪୨ ଜଣ ଲୋକ ଏବଂ ୨୦୬ ଜଣ ଦିବ୍ୟାଙ୍ଗ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ଭୋଟ୍

ଦେଇଛନ୍ତି। ମତଦାନ ପ୍ରକ୍ରିୟାର ସ୍ୱଚ୍ଛତା ରଖିବା ପାଇଁ ଭିଡିଓଗ୍ରାଫି କରାଯାଇଛି।

***Desk***

# ପି.ଜି. ନାମଲେଖା

ଚଳିତ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଏକକ ପି.ଜି. ପ୍ରବେଶିକା ପରୀକ୍ଷା ଆସନ୍ତା ଜୁଲାଇ ୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ମିଳିଥିବା ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୧୧୪ଟି ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ୨୮ ହଜାର ୯୫୪ ପି.ଜି. ସିଟ୍‌ରେ ନାମ ଲେଖାଯିବ । ପୂର୍ବବର୍ଷ ତୁଳନାରେ ୧ ହଜାର ୧୩୮ଟି ପି.ଜି. ସିଟ୍ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି । ଏହି ପ୍ରକ୍ରିୟାରେ ଚଳିତ ଥର ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ସାମିଲ୍ କରାଯାଇଛି ।

***Jajpar***

# ଶ୍ରମିକ ଦୁର୍ଘଟଣା

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍ଗାରୀ ପାହାଡ଼ କଳାପଥର ଖାଦାନରୁ ଆଜି ଦୁଇଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ତିନିଜଣଙ୍କର ଶ୍ରମିକଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ସୂଚନାଯୋଗ୍ୟ ଗତ ଦୁଇଦିନ ତଳେ କଳାପଥର ଖାଦାନରେ ପଥର ଅତଡ଼ା

ଖସିପଡ଼ିବାରୁ ଏହି ଦୁର୍ଘଟଣାରେ କିଛି ଶ୍ରମିକ ମାଟିତଳେ ଚାପି ହୋଇଯାଇଥିଲେ ।

***Sambalpur***

## ତାଲିମ କାର୍ଯ୍ୟକ୍ରମ

ସମ୍ବଲପୁର ବିଧାନସଭା ଆସନ ପାଇଁ ପୁଲିଂ କର୍ମଚାରୀ ଓ ପ୍ରିଜାଇଡିଂ ଅଫିସରମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ହୋଇଯାଇଛି । ମତଦାନ ସମ୍ପର୍କିତ ଡ୍ୟୁଟି, ପୁଲିଂ ସମୟ, ଇଭିଏମ୍ ସମେତ ରିଟର୍ଣ୍ଣିଂ ଅଫିସର ଏବଂ ଅନ୍ୟ ପୁଲିଂ ଅଧିକାରୀମାନଙ୍କର କାର୍ଯ୍ୟକୁ ନେଇ ବିସ୍ତୃତ ଭାବରେ ତାଲିମ ଦିଆଯାଇଥିଲା ।

***BBSR/R***

## ପାଣିପାଗ

ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ବୃଦ୍ଧି ପାଉଥିବାରୁ ତାପମାତ୍ରା ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ସୋମବାରଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ । ହେଲେ ଆଜି ଅପରାହ୍ନରେ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ପାଇଛି । ଅନ୍ୟପକ୍ଷରେ ଆସନ୍ତା ବୁଧବାର ଆଡ଼କୁ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଲଘୁଚାପ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ଅଛି । ୨୪ ତାରିଖ ଆଡ଼କୁ

ଲଘୁଚାପ ଅବପାତର ରୂପ ନେବ। ହେଲେ ଏହାର ପ୍ରଭାବ ଓଡ଼ିଶା ଉପରେ ରହିବା ନେଇ କୌଣସି ସଠିକ୍ ତଥ୍ୟ ମିଳିନାହିଁ।